## ସଂକ୍ଷେପରେ

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୬।୯:** ବ୍ରହ୍ମପୁର ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠେଶ୍ୱର ମନ୍ଦିର ପର୍ଶ୍ୱରେ ଥିବା ଜଣେ ଯୁବକ ମଙ୍ଗଳବାର ସକାଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ବେକରେ ଗାମୁଛା ଲଗାଇ ଘର ବାରିପଟେ ଥିବା ଏକ ଫ୍ୟାନରେ ଝୁଲିଥିବା ଦେଖି ଘର ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ବେଳକୁ ଯୁବକ ଜଣଙ୍କର ମୃତ୍ୟୁ ହୋଇ ସାରିଥିଲା। ଯୁବକଙ୍କ ବେକରୁ ଗାମୁଛା ବାହାର କରିବା ପରେ ମୃତଦେହ ଜବତ କରିଛି। ମୃତ ଯୁବକ ଜଣଙ୍କ ରାକେଶ ରାଉଳ(୨୪)। ପୋଲିସ ନଂ.୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ପୂର୍ବରୁ ୨୦୨୦ରେ ତାଙ୍କ ବାପା ଭାଗୀରଥି ରାଉଳ ମଧ ଆତ୍ମହତ୍ୟା କରିଥିଲେ। ଯୁବକ ଜଣଙ୍କ କୌଣସି ମାନସିକ ଅଶାନ୍ତିରୁ ଚାପଗ୍ରସ୍ତ ହୋଇ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି।

### ଗଣେଶ ମୂର୍ତ୍ତି ଭସାଣି ବେଳେ ଆକ୍ରମଣ, ୩ ଗିରଫ

**ବ୍ରହ୍ମପୁର ଅଫିସ,୬।୯:** ଗଣେଶ ମୂର୍ତ୍ତି ଭଷାଣି ବେଳେ ଜଣେ ବ୍ୟକ୍ତିଙ୍କୁ ସୋମବାର ଆକ୍ରମଣ ଘଟଣାରେ ବ୍ରହ୍ମପୁର ସଦର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖାରବେଳ ନଗରର ରାକେଶ ବେହେରା(୨୩), ଲୋଚାପଡ଼ା ବ୍ରଜନଗରର ଲୋକେଶ ନାୟକ(୨୮) ଓ ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦରର ସୌମ୍ୟରଞ୍ଜନ ପଟ୍ଟନାୟକ (୨୧)। ମାମଲା ନମ୍ବର ୪୦୮/୨୨ ରେ ଉକ୍ତ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ବ୍ୟବହୃତ ଲୁହାଛଡ଼ ଜବତ ହୋଇଛି। ପ୍ରକାଶ ଯେ, ଗେଟବଜାର ଭବାନୀନଗରର କେତେକ ଯୁବକ ଗଣେଶ ମୂର୍ତ୍ତି ଭଷାଣି ପାଇଁ ଡିଜେ ବାଜା ସହିତ ଝାଡ଼ାଙ୍କୁଲି ନିକଟ ଏକ ପୋଖରୀକୁ ଯାଇଥିଲେ। ଡିଜେ ବଜାଉଥିବା ସାୟାଦ ଆକବରଙ୍କୁ ଗୀତ ବଜାଇବାକୁ କିଛି ଯୁବକ ବାଧ କରିଥିଲେ। ସେତେବେଳେ ରାତି ପ୍ରାୟ ୧୧ ଟା ହୋଇଯାଇଥିବାରୁ ସେ ମନା କରିଦେଇଥିଲେ। ହେଲେ ଭଷାଣିରେ ସାମିଲ ଥିବା କେତେକ ଯୁବକ ଉତ୍ତ୍ୟକ୍ତ ହୋଇ ଏକ ଲୁହା ଛଡ଼ରେ ସାୟାଦ ଆକବରଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେଠାରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

### ଦୁର୍ଗା, କାଳୀପୂଜା ପ୍ରସ୍ତୁତି ବୈଠକ

**ଭଞ୍ଜନଗର,୬।୯(ଡି.ଏନ.ଏ.)-** ଭଞ୍ଜନଗରରେ କିଭଳି ଜାକଜମକରେ ଦୁର୍ଗା ଓ କାଳୀ ପୂଜା ହେବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରବିବାର ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ଦୁର୍ଗା ପୂଜା ନେଇ ଆଲୋଚନା ହୋଇଥିଲା। ଏଥିରେ ବରିଷ୍ଠ କର୍ମକର୍ତ୍ତା ସୁଶାନ୍ତ ମହାପାତ୍ର, ଉପେନ୍ଦ୍ର ଶତପଥୀ, ଟୁନା ଜେନା, କାଳି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଭଞ୍ଜନଗର ଜଳ ସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ ପକ୍ଷରୁ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ଦୁର୍ଗାପୂଜା ହେବ। ଏଥିପାଇଁ ମୂର୍ତ୍ତି ତିଆରି ଚାଲିଛି। ସେହିଭଳି ଓଏସଆର୍‌ଟିସି ପକ୍ଷରୁ ବସଷ୍ଟାଣ୍ଡ ଏବଂ ରେଡକ୍ରସ ରୋଡରେ ବିଶ୍ୱ ଜନନୀ କଳା ପରିଷଦ ପକ୍ଷରୁ ମଧ ଦୁର୍ଗାପୂଜା ଲାଗି ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ହାର୍ଟ ନଗରରେ ବନ ବିଭାଗ ପକ୍ଷରୁ କାଳୀପୂଜା କରାଯିବ। ତେଣୁ ସେ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୂଳପାଣି ଶତପଥୀ, ଅନୁପମ ବାନାର୍ଜୀ ଚଳିତବର୍ଷ କାଳୀପୂଜାର ପ୍ରମୁଖ ଦାୟିତ୍ୱ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଲୋଚାପଡ଼ା ମୁଖ୍ୟ ରାସ୍ତା, ଡ୍ରେନ୍ ମରାମତି ଦାବିରେ ସତ୍ୟାଗ୍ରହ

**ବ୍ରହ୍ମପୁର ଅଫିସ,୬।୯**


ଆନ୍ଦୋଳନକାରୀଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଆଲୋଚନା।

ବ୍ରହ୍ମପୁର ସହର ଲୋଚାପଡା ମୁଖ୍ୟ ରାସ୍ତା ଓ ଡ୍ରେନ୍ ମରାମତି ଦାବିରେ ମଙ୍ଗଳବାର ଲୋଚାପଡା ଅଞ୍ଚଳବାସୀ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବାସିନ୍ଦାଙ୍କ ପକ୍ଷରୁ କୁହାଯାଇଛି ଯେ, ଲୋଚାପଡାଠାରୁ ବ୍ରହ୍ମପୁର ସହରକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରତ୍ୟହ ସ୍କୁଲ ବସଠାରୁ ଆରମ୍ଭ କରି ଭାରୀଯାନ ଯାତାୟାତ ହୋଇଥାଏ। ବର୍ତ୍ତମାନ ଏହି ରାସ୍ତାଟି ଖରାପ ହେବା ସାଙ୍ଗକୁ ରାସ୍ତା ମଝିରେ ବର୍ଷା ଜଳ ଜମି ରହି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବା ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ୫ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ନିର୍ଭରଶୀଳ। ନିକଟରେ ଏହି ରାସ୍ତାରେ ଜଣେ ମହିଳାଙ୍କ ଦୁର୍ଘଟଣା ଘଟି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ରାସ୍ତାର ମରାମତି ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଯାହା ଦ୍ୱାରା ମଙ୍ଗଳବାର ସ୍ଥାନୀୟ ବାସିନ୍ଦା ସତ୍ୟାଗ୍ରହ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଆନ୍ଦୋଳନ ସ୍ଥଳରେ ସଂପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ପହଞ୍ଚି ଆନ୍ଦୋଳନରତ ବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରିତ ହେଉ ନ ଥିବାରୁ ରାସ୍ତା କାର୍ଯ୍ୟ ହୋଇପାରୁ ନ ଥିବା କହିଥିଲେ। କିନ୍ତୁ ଆନ୍ଦୋଳନରତ ବାସିନ୍ଦା ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରୁ ରାସ୍ତା କାର୍ଯ୍ୟ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ। ଏଥିସହ ରାସ୍ତା କାର୍ଯ୍ୟ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଅଞ୍ଚଳ ବାସିନ୍ଦା ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଲୋଚାପଡା ସରପଞ୍ଚ ଏଲ.ମୋହନ ଦାଶ, ସମିତି ସଭ୍ୟ ଚଣ୍ଡୀଚରଣ ସାହୁ, ଭାଜପା ନେତା ମହନ୍ତ ଚିନ୍ମୟାନନ୍ଦ, ଡା.ସାଗର ରଞ୍ଜନ ତ୍ରିପାଠୀ, ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ସୁଦେଶ ପାତ୍ର, ହରିହର ନାୟକ, ବାବୁଲା ପାତ୍ର, ଶିବ ପାତ୍ର ଓ ଲିଟୁ ବେହେରାଙ୍କ ସମେତ ବହୁ ଅଞ୍ଚଳ ବାସିନ୍ଦା ଉପସ୍ଥିତ ଥିଲେ।

# ୮ ମାସରେ ୩.୮୭ କୋଟି ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ,୬।୯**

ସଡକ ସୁରକ୍ଷା ନିୟମ କଡାକଡି ପାଇଁ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣିଥିଲେ। ଏଥି ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ ଏବେ କଡ଼ାକଡ଼ି କରାଯାଇଛି। ବିଶେଷ କରି ସହରରେ ହେଲମେଟ୍ ଓ ନିଶାସକ୍ତ ଚାଳକ ଧରପଗଡ ଅଭିଯାନ ଏବେ ଜୋରଦାର କରାଯାଇଛି। ଅମାନିଆଙ୍କ ପାଇଁ ହେଲମେଟ ନ ପିନ୍ଧିଲେ ଏବେ ଆଉ ୫ଶହ ନୁହେଁ ସଂଶୋଧିତ ନିୟମ ଅନୁସାରେ ୧ହଜାର ଟଙ୍କା ଜରିମାନା ଆଦାୟ କରିବା ବ୍ୟବସ୍ଥା ହୋଇଛି। ଏପରିକି ହେଲମେଟ୍ ନ ପିନ୍ଧିଲେ ୩ ମାସ ପର୍ଯ୍ୟନ୍ତ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ରଦ୍ଦ ପାଇଁ ପୋଲିସ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ସୁପାରିସ୍ କରିଛି। ଏହି ଧାରାରେ ୨୦୨୨ ଜାନୁୟାରୀ ୧ରୁ ଅଗଷ୍ଟ ଶେଷ ସୁଦ୍ଧା ବ୍ରହ୍ମପୁରରେ ଟ୍ରାଫିକ ଥାନା ପକ୍ଷରୁ ଜରିମାନା ବାବଦରେ

### ୧୪୩୧ ଡିଏଲ୍ ରଦ୍ଦ ପାଇଁ ସୁପାରିସ

ମାନୁଆଲ୍ ଏବଂ ଇ-ଚାଲାନ୍ ବାବଦରେ ୩ କୋଟି ୮୭ ଲକ୍ଷ ୬ ହଜାର ଟଙ୍କା ଅମାନିଆ ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇ ସାରିଛି ବୋଲି ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି।

ସେହିପରି ୧୪୩୧ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଛି ବୋଲି ଥାନାଧିକାରୀ ବେହେରା ସୋମବାର ସୂଚନା ଦେଇଛନ୍ତି। ଏହି ୮ ମାସ ମଧ୍ୟରେ ଅଗଷ୍ଟରେ ସର୍ବାଧିକ ୫୬୮୧ ଗାଡି ଚାଳକଙ୍କ ଠାରୁ ୫୩ ଲକ୍ଷ ୯୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨୨୯ ଗାଡି ଚାଳକଙ୍କ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଛି ବୋଲି ସେ କହିଛନ୍ତି।

# ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ପ୍ରଦାନ ଦାବି


ଜଗବନ୍ଧୁ ହୁଡା ବାସିନ୍ଦାଙ୍କ ପକ୍ଷରୁ ଦାବି ପତ୍ର ପ୍ରଦାନ।

**ବ୍ରହ୍ମପୁର ଅଫିସ,୬।୯**

### ବିଏମ୍‌ସି କମିଶନରଙ୍କୁ ଦାବିପତ୍ର

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୯ ନଂ. ୱାର୍ଡ ଅନ୍ତର୍ଗତ ଜଗବନ୍ଧୁ ହୁଡା ବାସିନ୍ଦାଙ୍କୁ ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ପ୍ରଦାନରେ ପାନ୍ତର ଅନ୍ତର ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ବାସିନ୍ଦାଙ୍କ ପକ୍ଷରୁ ବିଏମ୍‌ସି କମିଶନର ଜେ.ସୋନାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ, ଦୀର୍ଘ ୨୦ ବର୍ଷ ଧରି ଜଗବନ୍ଧୁ ହୁଡାରେ ବସବାସ କରୁଥିବା ବାସିନ୍ଦାମାନେ ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ନିମନ୍ତେ ଆବେଦନ କରିଥିଲେ। କିନ୍ତୁ ଆବେଦନ କରିବାର ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ସୁଦ୍ଧା ଘର ମିଳି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କିଛି ଲୋକଙ୍କ ଘରବାରି ପଟ୍ଟା ଥାଇ ମଧ ସେମାନଙ୍କୁ ଘର ମିଳିଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏଣୁ ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ ହିତାଧିକାରୀଙ୍କୁ ଆପାର୍ଟମେଣ୍ଟରେ ଘର ପ୍ରଦାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବବି ସାହୁ, କୋମଳା ଆଚାରୀ, କାମା ନାୟକ, ଡଲି ନାୟକ, କବିତା ନାୟକ, ଜୟଶ୍ରୀ ନାୟକ, ମାମି ନାୟକ, ସଞ୍ଜୟ ସେଠୀ ଓ ଉର୍ମିଳା ନାହାକଙ୍କ ସମେତ ବହୁ ସାହି ବାସିନ୍ଦା ଉପସ୍ଥିତ ଥିଲେ।

### ବୃଦ୍ଧାଙ୍କୁ ହତ୍ୟା ସନ୍ଦେହ

**ଭଞ୍ଜନଗର,୬।୯(ଡି.ଏନ.ଏ.)**

ତାରସିଂ ଥାନା ଅନ୍ତର୍ଗତ ଅଡଙ୍କପାରିରେ ମଙ୍ଗଳବାର ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନା ଅଧିକାରୀ ପି.କେ. ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ସୂଚନା ମିଳିଛି। ଘଟଣାସ୍ଥଳରେ ତଦନ୍ତ କରିବା ପରେ ସତ୍ୟତା ଜଣାପଡିବ।

### ଖଣ୍ଡଦେଉଳି ସ୍କୁଲରେ ଶିଶୁଲେଖକ କର୍ମଶାଳା

**ରମ୍ଭା,୬।୯**

ଗଞ୍ଜାମ ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ ବିଦ୍ୟାଳୟ ସ୍ତରୀୟ ଶିଶୁ ଲେଖକ କର୍ମଶାଳା କାର୍ଯ୍ୟକ୍ରମ ଖଣ୍ଡଦେଉଳି କ୍ଲଷ୍ଟର ଅନ୍ତର୍ଗତ ତଳସାହି ଖଣ୍ଡଦେଉଳି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିହର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରା ମୁଖ୍ୟ ଅତିଥି, ଛତ୍ରପୁରର ନାଟ୍ୟଗୁରୁ ସୁଧାଂଶୁ ଶେଖର ଶତପଥୀ ମୁଖ୍ୟ ବକ୍ତା, ଖଣ୍ଡଦେଉଳି ସିଆର୍‌ସି ସୂର୍ଯ୍ୟନାରାୟଣ ନାୟକ ଏବଂ ସମାଜି କର୍ମୀ ତପନ ତରାଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପ୍ରାଥମିକ ସ୍ତରରେ ଭାଷା ଶିକ୍ଷଣରେ ପଠନ, ଆବୃତ୍ତି, ଲିଖନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ଶିଶୁଲେଖା ପୁସ୍ତକମାନ ପ୍ରଦାନ କରାଯିବା ସହ ନୃତ୍ୟଗୁରୁ ସୁଧାଂଶୁ ଶେଖର ଶତପଥୀଙ୍କୁ ସମର୍ପିତ ସାଧନା ନିମନ୍ତେ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ 'ସୃଜନୀ' ଉନ୍ମୋଚିତ ହୋଇଥିଲା।

# ସହାୟତାର ହାତ ବଢ଼ାଇଲା ଜିଲା ପ୍ରଶାସନ

**ବ୍ରହ୍ମପୁର ଅଫିସ,୬।୯**

### ଅସହାୟ ଯୁବତୀ ଏମ୍‌କେସିଜିରେ ଭର୍ତ୍ତି

ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ମା'ବାପା ଛେଉଣ୍ଡ ଅସହାୟ ଯୁବତୀ ନିଲାମ ମହାରଣା ଓରଫ ରାଣୀ କିଛିଦିନ ରୋଗରେ ପୀଡ଼ିତ ଥିଲେ। ପରିବାରର କୌଣସି ବ୍ୟକ୍ତି ତାଙ୍କ ପାଖରେ ନ ଥିବାରୁ ସେ ଡାକ୍ତରଖାନା ଯାଇପାରୁ ନ ଥିଲେ। ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲାପାଳ ବିନୋଦ କୁମାର ବେହେରା ଶନିବାର ରାଣୀଙ୍କୁ ଭେଟିଥିଲେ। ଟିମ୍ କ୍ଲିନ୍ ସିଟି ସଦସ୍ୟମାନଙ୍କ ସହଯୋଗରେ ରବିବାର ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିବାରୁ ରାଣୀଙ୍କ ମୁହଁରେ ହସ ଫୁଟିଛି। ସୂଚନାଯୋଗ୍ୟ, ଲକ୍ଷ୍ମୀନୃସିଂହ ସାହି ଦ୍ୱିତୀୟ ଲାଇନରେ ରହୁଥିଲେ ରାଣୀଙ୍କ ବାପା ସତ୍ୟ ମହାରଣା ଏବଂ ତାଙ୍କ ପରିବାର। ରାଣୀ ଜନ୍ମ ହେବା ପରେ ସତ୍ୟଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ମା' ଶକୁନ୍ତଳା ବାହାରେ କାମ କରି ପରିବାର ଚଳାଉଥିଲେ। ସାନ ଝିଅ ରାଣୀଙ୍କୁ ୧୩ ବର୍ଷ ହୋଇଥିବା ବେଳେ ସେ ରୋଗରେ ପୀଡ଼ିତ ହୋଇଥିଲେ। ଅର୍ଥାଭାବରୁ ଠିକ୍ ଚିକିତ୍ସା ନ ପାଇବା ଯୋଗୁଁ ସେ ଧୀରେଧୀରେ ଚାଲି ପାରିନଥିଲେ। ବଡ଼ ଝିଅ ବାହାହୋଇ ଶାଶୁଘରକୁ ଚାଲିଗଲା। ପରେ ରାଣୀଙ୍କ ମା' କର୍କଟ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେ। ଘରେ ଥିବା ସାନଭାଇ ପାଇଁ ଘର ଚଳାଇବା କଷ୍ଟକର ହୋଇପଡ଼ିଲା। ଘରଭଡ଼ା ଦେଇ ନ ପାରିବାରୁ ମାଲିକ ଘରୁ ବାହାର କରିଦେଲେ। ରାଣୀଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବା ସହ ତାଙ୍କର ଦୁଇଟି ଗୋଡ଼ ଏବଂ ହାତ ଅକାମୀ ହେବାରେ ଲାଗିଲା। ସାନଭାଇ କିଛି ଉପାୟ ନ ପାଇ ରାଣୀଙ୍କୁ ସାହିରେ ଛାଡ଼ି କେଉଁଆଡେ ଚାଲିଗଲା। ଏହି ଖବର ପ୍ରଶାସନ ନିକଟରେ ପହଞ୍ଚିବା ପରେ ଉପଜିଲାପାଳ ଟିମ୍ କ୍ଲିନ୍ ସିଟିର ସଦସ୍ୟମାନଙ୍କ ସହଯୋଗରେ ରବିବାର ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ।

# ବିଜ୍ଞାନ ଓ କଣ୍ଢେଇ ମେଳା


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ବିଦ୍ୟାଳୟ ଶିକ୍ଷକ କମିଟି ବୃନ୍ଦ।

**ବ୍ରହ୍ମପୁର ଅଫିସ, ୬।୯**

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ବ୍ରହ୍ମପୁର ବାସୁଦେବନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କଣ୍ଢେଇମେଳା ଓ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଶତପଥୀ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟନାରାୟଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜୟସେନ ପ୍ରଧାନ, ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଶିକ୍ଷକ ଭଗବାନ ବିଶ୍ୱାଳ, ସିଆରସିସି ମମତା ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ୪ଟି ଗାଣିତିକ ଓ ବିଜ୍ଞାନ ବିଭାଗରେ ବିଭକ୍ତ କରାଯାଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସେହିପରି ଅରୁଣ ଓ ଉଦୟ(ବୋଧ, ପ୍ରାରମ୍ଭ) ଶ୍ରେଣୀର ଛାତ୍ରୀଛାତ୍ର କଣ୍ଢେଇ ମେଳା ଓ କୌତୁକ କ୍ରୀଡ଼ା ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ।

ବିଜ୍ଞାନ ମେଳା ସିନିୟର ବିଭାଗରେ ଦିବ୍ୟଙ୍କା ଶୁଭଦର୍ଶନୀ, ସମୀକ୍ଷା ମହାନ୍ତି ଓ ପ୍ରଦୋଷ ରଞ୍ଜନ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସବ୍‌ସିନିୟର ବିଭାଗରେ ଆୟୁଷ କୁମାର ନାୟକ, ଆଦିତ୍ୟ କୁମାର ସାହୁ ଓ ଶୁଭ୍ରାଂଶୁ ପଣ୍ଡା ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଦ୍ୟାଳୟ ଶିକ୍ଷା କମିଟି କୋଷାଧକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ସିଟି ମହାବିଦ୍ୟାଳୟରେ ଜାତୀୟ ପୋଷଣ ସପ୍ତାହ

**ବ୍ରହ୍ମପୁର ଅଫିସ, ୬।୯**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଏନ୍‌ସିସି ମେଡିକାଲ ଅଫିସର ଓ ଅଧକ୍ଷା।

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଆମ୍ବପୁଆସ୍ଥିତ ସିଟି ମହାବିଦ୍ୟାଳୟରେ ମଙ୍ଗଳବାର ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଅଧକ୍ଷା ଡ.ଅନୀତା ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଅଧକ୍ଷା ପ୍ରଫେସର ଡ.ଅରୁନ୍ଧତି ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମେଡିକାଲ ଏନ୍‌ସିସି କମାଣ୍ଡିଂ ଅଫିସର ମେଜର ଡକ୍ଟର ସୌରଭ ତିୱାରି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ.ରଥ ମନୁଷ୍ୟ ଜୀବନରେ ପୋଷଣର ଆବଶ୍ୟକତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ମେଜର ଡ.ତିୱାରି ପୋଷଣ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଦୈନନ୍ଦିନ ଜୀବନରେ ଆମେ ଗ୍ରହଣ କରୁଥିବା ଆହାରରେ କ'ଣ ଖାଇବା ଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳି ପାରିବ ସେ ସମ୍ପର୍କରେ କହିଥିଲେ। ବର୍ତ୍ତମାନ ସମୟରେ ଖାଦ୍ୟକୁ ପ୍ରଦୂଷଣ ମୁକ୍ତ ଓ ପୋଷଣ ଯୁକ୍ତ କିପରି କରାଯାଇପାରିବ ସେ ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପିକା ମାଧୁରୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଶିଳାନ୍ୟାସରେ ସୀମିତ ବିକ୍ରମପୁର ସାଇନ୍ସ ପାର୍କ

**ବ୍ରହ୍ମପୁର ଅଫିସ,୬।୯**

### ଗୋପାଳପୁର ପ୍ରତି କେନ୍ଦ୍ର ଅବହେଳା ଅବ୍ୟାହତ

ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିକ୍ରମପୁରରେ ପ୍ରସ୍ତାବିତ ସାଇନ୍ସ ପାର୍କ ଶିଳାନ୍ୟାସରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଭିତ୍ତିପ୍ରସ୍ତରକୁ ଏବେ ୭ ବର୍ଷ ବିତିଥିଲେ ମଧ କାମ ଆରମ୍ଭ ହୋଇନି। ତୁରନ୍ତ ପାର୍କ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ପ୍ରଦୀପ ପାଣିଗ୍ରାହୀ ଦ୍ୱିତୀୟଥର ବିଧାୟକ ହେବା ପରେ ବିଜେଡିର ୪ର୍ଥ ପାଳି ସରକାରରେ ଗ୍ରାମାଞ୍ଚଳ ଜଳ ଯୋଗାଣ, ଉଚ୍ଚ ଶିକ୍ଷା ସହ ବିଜ୍ଞାନ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ହୋଇଥିଲେ। ତାଙ୍କ କାର୍ଯ୍ୟକାଳରେ ନିଜ ବିଧାନସଭା କ୍ଷେତ୍ରର ବିକ୍ରମପୁରରେ ସାଇନ୍ସ ପାର୍କ ପ୍ରତିଷ୍ଠା ଲାଗି ପଦକ୍ଷେପ ନେଇଥିଲେ। କ୍ଷମତାର ଦୁଇ ବର୍ଷ ପରେ ସେ ମନ୍ତ୍ରୀ ପଦରୁ ବାଦ ପଡ଼ି ଗଞ୍ଜାମ ଜିଲା ବିଜେଡି ସଂଗଠନର ସଭାପତି ହୋଇଥିଲେ। ୨୦୧୯ ନିର୍ବାଚନରେ ତୃତୀୟ ଥର ବିଧାୟକ ନିର୍ବାଚିତ ହେଲେ। ଘଟଣାଚକ୍ରରେ ୨୦୨୦ ଶେଷବେଳକୁ ସେ ଦଳରୁ ବହିଷ୍କୃତ ହେବା ସହ ବିଭିନ୍ନ ମାମଲାରେ ଛନ୍ଦି ହୋଇଗଲେ। ଦୀର୍ଘଦିନ ବିଚାର ବିଭାଗ ହାଜତରେ ମଧ ରହିଲେ। ତେଣୁ ସାଇନ୍ସ ପାର୍କ ପ୍ରତିଷ୍ଠା ଧିମେଇ ଗଲା। ସମ୍ପ୍ରତି ରାଜ୍ୟ ସରକାର ମଧ ସାଇନ୍ସକୁ ଗୁରୁତ୍ୱ ଦେଇ ଭିତ୍ତିଭୂମି ଯୋଗାଉଛନ୍ତି। ସମୁଦ୍ର କୂଳିଆ ବିଦ୍ୟାର୍ଥୀଙ୍କ ବିଜ୍ଞାନ ପାଠ୍ୟକ୍ରମର ବିକାଶ ନିମନ୍ତେ ବିକ୍ରମପୁର ସାଇନ୍ସ ପାର୍କ ନିର୍ମାଣ ଅପରିହାର୍ଯ୍ୟ ବୋଲି ଅଭିଭାବକ ମହଲରୁ ମତ ପ୍ରକାଶ ପାଇଛି।

ଅପରପକ୍ଷରେ ଉପକୂଳର ଗୋପାଳପୁର ନିର୍ବାଚନ ମଣ୍ଡଳୀ ପ୍ରତି କେନ୍ଦ୍ର ସରକାର ଅବହେଳା କରୁଥିବା ଏକାଧିକ ନଜିର ଅଛି। ଶୀତଳାପଲ୍ଲୀ ରେଳ ୱାଗନ ଫ୍ୟାକ୍ଟ୍ରି ଏନଡିଏ ସରକାର ପ୍ରତ୍ୟାହାର କରିଛନ୍ତି। ଗୋଳନ୍ଥରାରେ ବୃହତ୍ତ ତୈଳ ଡ଼ିପୋ ପ୍ରସ୍ତାବକୁ କାର୍ଯ୍ୟକାରୀ କରିନାହାନ୍ତି। ୧୨ବର୍ଷ ତଳେ ସର୍ଭେ ସରିଥିବା ଗୋପାଳପୁର ଠାରୁ ରାୟଗଡ଼ା ପର୍ଯ୍ୟନ୍ତ ୨୫୮ କି.ମି. ନୂଆ ରେଳପଥ ନିର୍ମାଣ ପ୍ରତି ଅଣଦେଖା କରିଛନ୍ତି। ସେହିପରି ଗୋପାଳପୁର ଠାରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣରୁ ଗଞ୍ଜାମ ଜିଲା ଅଞ୍ଚଳକୁ ସମ୍ପୃକ୍ତ ମନ୍ତ୍ରଣାଳୟ ମନ୍ତ୍ରୀ ବାଦ ଦେଇଛନ୍ତି। ତେଣୁ ପୂର୍ବ ଓ ବର୍ତ୍ତମାନର କେନ୍ଦ୍ର ସରକାର ଗୋପାଳପୁର ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପ୍ରକାଶ କରୁଥିବା ଉପକୂଳ ବାସିନ୍ଦା ସମାଲୋଚନା କରୁଛନ୍ତି। ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ପକାଇ ପ୍ରସ୍ତାବିତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଇବାକୁ ବିଭିନ୍ନ ମହଲ ଗୁରୁତ୍ୱ ଦେଇଛନ୍ତି।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର ଅଫିସ୍,୬।୯**


ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା।

ବ୍ରିଟ୍ କଲୋନୀସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ କସ୍ତୁରୀ ଅଧକ୍ଷତା କରିଥିଲେ। ହିଞ୍ଜିଳିକାଟୁ କଲେଜର ପୂର୍ବତନ ଅଧକ୍ଷ ଯୋଗେନ୍ଦ୍ର ପାଣିଗ୍ରାହୀ, ରୟାଲ ଫାର୍ମାସୀ କଲେଜ ଅଧକ୍ଷ ପି.ଏଲ.ମୂର୍ତ୍ତି, ସଂସ୍କାରବାଦୀ ସଂଗଠନ ସଭାପତି ତ୍ରିନାଥ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାର ସ୍ୱରୂପ ହୋଇ ଶିକ୍ଷକମାନେ ଶିକ୍ଷାଦାନ କରିବା ସହ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କୃଷ୍ଣ ଚନ୍ଦ୍ର ପାତ୍ର ଓ ଜାଭିୟର ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ରାଓ ଉପସ୍ଥିତ ଥିଲେ। ଏହି ଅବସରରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ନିମିନାରେ ନଳଯାତ୍ରା



ଆସିକା,୬।୯(ଡି.ଏନ.ଏ.)- ଆସିକା ବ୍ଲକ ଅନ୍ତର୍ଗତ ନିମିନା ଗ୍ରାମରେ ମଙ୍ଗଳବାର ପାରମ୍ପରିକ ନଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ୩ଟି ଲମ୍ବା ବାଉଁଶରେ ଶାଢୀ, ଚୁଡି, ସିନ୍ଦୁର, ଫୁଲମାଳ ଲଗାଇ ଗ୍ରାମର ଆରାଧ୍ୟା ଦେବୀ ରତ୍ନେଶ୍ୱରୀ, କନ୍ଧୁଣୀଦେବୀ ଓ ବ୍ରାହ୍ମଣୀଦେବୀଙ୍କ ପ୍ରତୀକ ଭାବେ ରତ୍ନେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରାଯାଇଥିଲା । ସେଠାରୁ ବାଦ୍ୟବାଜଣା ମଧ୍ୟରେ ଗ୍ରାମବାସୀ ଦେବୀଙ୍କ ପ୍ରତିମା ନଳକୁ ଧରି ମାଳତି ପାହାଡ ସଂଲଗ୍ନ ହାତିମୁଣ୍ଡା ଓ ରଙ୍ଗ ଟିଆି ପାହାଡରେ ବିଜେ କନ୍ଧୁଣୀଦେବୀ ଓ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିରକୁ ନେଇଥିଲେ । ସେଠାରେ ହୋମ ଓ ପୂଜାର୍ଚ୍ଚନା ପରେ ନଳକୁ ଧରି ପୁଣି ଗ୍ରାମକୁ ଫେରିଥିଲେ । ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଖଦାଳ ଜେନା ଓ ପଞ୍ଚାନନ ପ୍ରଧାନ ଦେବୀଙ୍କ ପ୍ରତୀକ ନଳକୁ ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ। ଫସଲକୁ ରୋଗପୋକ ଦାଉରୁ ରକ୍ଷା, ପ୍ରାଣୀ ସମ୍ପଦ ଓ କୃଷକଙ୍କ ସୁରକ୍ଷା ଲାଗି ଏହି ଯାତ୍ରା କରାଯାଉଥିବା ନିମିନା ସରପଞ୍ଚ ସୂଚନା ଦେଇଛନ୍ତି।

# ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ନିର୍ଦ୍ଦେଶ

ଛତ୍ରପୁର,୦୬।୦୯(ଡିଏନଏ )

ଗଞ୍ଜାମ ଜିଲାପାଳଙ୍କ ସଦଭାବନା ଗୃହରେ ମଙ୍ଗଳବାର ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ ଯେ, ସଡ଼କ ଦୁର୍ଘଟଣାକୁ ରୋକିବାକୁ ହେଲେ କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିବା ଜରୁରୀ । ପ୍ରଥମତଃ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନଗୁଡ଼ିକୁ ମିଳିତ କମିଟି ଚିହ୍ନଟ କରନ୍ତୁ । କେଉଁ ସବୁ କାରଣରୁ ଦୁର୍ଘଟଣା ଘଟୁଛି ତର୍ଜମା କରି ସେହି ସ୍ଥାନରେ ଦୁର୍ଘଟଣାର ପୁନରାବୃତ୍ତି ଯେପରି ହେବ ନାହିଁ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଦୁର୍ଘଟଣା ଘଟୁଥିବା ଅଞ୍ଚଳକୁ ଯେତେଶୀଘ୍ର ସମ୍ଭବ ଆମ୍ବୁଲାନ୍ସ ପହଞ୍ଚିବା ଆବଶ୍ୟକ । ଜିଲାରେ ଲୋକେ ବିନା ହେଲମେଟରେ ଯାତ୍ରା କରୁଛନ୍ତି । ଦୁଇ ଚକିଆ ଯାନରେ ୩ଜଣ ଯାଉଛନ୍ତି। ଅନେକ କ୍ଷେତ୍ରରେ ମଦ୍ୟପାନ ଜନିତ ଦୁର୍ଘଟଣା ହେଉଛି । ତେଣୁ ଚଢାଉ କାର୍ଯ୍ୟକୁ ବ୍ୟାପକ କରିବାକୁ ଜିଲାପାଳ କହିଛନ୍ତି। ଏଥିସହ ରାସ୍ତାର ବିଭିନ୍ନ ସ୍ଥାନରେ ସଙ୍କେତ ଚିହ୍ନ, ଆଲୋକୀକରଣ ବ୍ୟବସ୍ଥାକୁ ସୁଦୃଢ କରିବା ନେଇ ପରାମର୍ଶ ଦେଇଥିଲେ । ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ବୈଠକରେ ଯୋଗଦେଇ କହିଥିଲେ ଯେ, ବ୍ରହ୍ମପୁର ସହରରେ ଟ୍ରାଫିକ ସମସ୍ୟା ରହୁଛି, । ବିଶେଷ କରି ପୂର୍ବାହ୍ନ ଓ ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ଅଧିକ ରହୁଛି। ପିଲାମାନେ ଅଣଦେଖା ଏବଂ ବେପରୁଆ ଓ ବିପଦପୂର୍ଣ୍ଣ ଭାବେ ଗାଡି ଚଳାଉଛନ୍ତି । ଏହାଦ୍ୱାରା ଦୁର୍ଘଟଣା ଘଟି ଅନ୍ୟ ଲୋକଙ୍କ ଜୀବନ ପ୍ରତି ବିପଦ ଦେଖାଯାଉଛି । ଚଢାଉ କାର୍ଯ୍ୟକୁ ବ୍ୟାପକ କରି ଅଧିକ ଜରିମାନା ଆଦାୟ କରାଯିବା ସହ ଆବଶ୍ୟକ ସ୍ଥଳେ ସେମାନଙ୍କ ଲାଇସେନ୍ସ ରଦ୍ଦ ମଧ୍ୟ କରିବାକୁ ସେ ମତ ରଖିଥିଲେ । ବୈଠକ ପ୍ରାରମ୍ଭରେ ରାସ୍ତା ଓ କୋଠାବାଡି ଡିଭିଜନ ନଂ-୨ ବ୍ରହ୍ମପୁର ଅଧୀକ୍ଷଣ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବୈଠକର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ ବୈଠକରେ ଆଲୋଚ୍ୟ ସମସ୍ତ ତଥ୍ୟ ଉପସ୍ଥାପନ କରି ଦୁର୍ଘଟଣା ସ୍ଥାନ ଏବଂ ଏହାକୁ ରୋକିବା ଦିଗରେ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଜିଲାରେ ୨୦୨୧ରେ ୩୫୪ଟି ଦୁର୍ଘଟଣା ହୋଇଥିଲା। ତନ୍ମଧ୍ୟରୁ ୧୭୯ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୩୨୩ ଜଣ କ୍ଷତବିକ୍ଷତ ହୋଇଥିଲେ । ସେହିପରି ୨୦୨୨ରେ ଏପର୍ଯ୍ୟନ୍ତ ୪୪୧ଟି ଦୁର୍ଘଟଣା ରିପୋର୍ଟ ହୋଇଛି । ସେଥିରେ ୨୨୬ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ଥଳେ ୩୨୦ ଜଣ ଆହତ ହୋଇଛନ୍ତି। ଖୋର୍ଦ୍ଧା ଜିଲାରେ ୨୦୨୨ରେ ସର୍ବାଧିକ ୪୯୯ ଦୁର୍ଘଟଣା ଘଟିଥିଲେ ମଧ ମୃତ୍ୟୁ ସଂଖ୍ୟା ୧୫୯ ଏବଂ ୩୭୨ ଜଣ ଆହତ ରିପୋର୍ଟ ଅଛି । ଏଥିରୁ ଅନୁମାନ ଯେ ଖୋର୍ଦ୍ଧା ଜିଲାରେ ହେଲମେଟ ବ୍ୟବହାର ସମସ୍ତେ କରନ୍ତି। ଦୁର୍ଘଟଣା ସ୍ଥଳରେ ଯଥାଶୀଘ୍ର ଆମ୍ବୁଲାନ୍ସ ପହଞ୍ଚିବା ଯୋଗୁ ମୃତ୍ୟୁମୁଖରେ କମ ଲୋକ ପଡନ୍ତି । ତେଣୁ ଆମ୍ବୁଲାନ୍ସ ସେବା କିଭଳି ଯଥାଶୀଘ୍ର ଦୁର୍ଘଟଣା ସ୍ଥଳରେ ପହଞ୍ଚିବ ସେ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଥିଲା । ଦୁର୍ଘଟଣାର ମୁଖ୍ୟ କାରଣ ଭିତରେ ଦ୍ରୁତଗତିରେ ଗାଡି ଚଳାଇବା, ହେଲମେଟ ପରିଧାନ ନ କରିବା, ଭୁଲ ପାର୍ଶ୍ୱରେ ଗାଡି ଚଳାଇବା, ଓଭରଟେକ କରିବା , ବେପରୁଆ ଗାଡି ଚଳାଇବା, ଅନ୍ୟକୁ ମାଡି ଚାଲିଯିବା, ଓଭରଲୋଡ଼ି, ରାସ୍ତାର ବୈଷୟିକ ତ୍ରୁଟି, ରାସ୍ତା ଠିକ ନଥିବା, ମଦ୍ୟପାନ କରି ଗାଡି ଚଳାଇବା ଏଭଳି ଅନେକ କାରଣ ରହିଥିବା ଜଣାଇଥିଲେ। ଦୁର୍ଘଟଣା ସ୍ଥଳରେ ପ୍ରଥମେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସକାଶେ ତୁରନ୍ତ ଚିକିତ୍ସାଳୟକୁ ପଠାଇ ସେମାନଙ୍କ ଜୀବନ ବଞ୍ଚାଇଥିବା ହେତୁ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇଙ୍କୁ ଜିଲାପାଳ ପ୍ରମାଣ ପତ୍ର ଓ ଆର୍ଥିକ ପୁରସ୍କାର ଦେଇ ସମ୍ମାନିତ କରିଥିଲେ । ଉକ୍ତ ଆର୍ଥିକ ରାଶିକୁ ମେୟର ରେଡକ୍ରସ ପାଣ୍ଠିକୁ ପ୍ରଦାନ କରିଥିଲେ। ସେହିଭଳି କାର୍ଯ୍ୟ ନିମନ୍ତେ ବ୍ରହ୍ମପୁରର ଅବିନାଶ କୁମାର ପାଣିଗ୍ରାହୀଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା ।ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ ଅତିରିକ୍ତ କମିଶନର ନୀଳ ମାଧବ ଭୋଇ, ଏମ.ଭି.ଆଇ. ରବୀନ୍ଦ୍ର କୁମାର ଜେନା, ଜାତୀୟ ରାଜପଥର ଏନ. ହରେକ୍ରିଷ୍ଣା, ଆଞ୍ଚଳିକ ପରିବହନ ଅଧିକାରୀ ଭଞ୍ଜନଗରର ଏସ. ଆର୍.ରଏ,ସମସ୍ତ ବିଜ୍ଞାପିତ ଅଞ୍ଚଳ ଓ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ବସ ମାଲିକ ସଂଘର ସଭ୍ୟ ଓ ସଂପୃକ୍ତ ଅଧିକାରୀଗଣ ଉପସ୍ଥିତ ଥିଲେ ।



ଜିଲ୍ଲାପାଳ ବ୍ରହ୍ମପୁର ମେୟରଙ୍କୁ ସମ୍ମାନୀତ କରୁଛନ୍ତି ।

- ହେଲମେଟ ଯାଞ୍ଚ ବ୍ୟାପକ କର
- ମେୟରଙ୍କ ସମେତ ୨ ସମ୍ମାନିତ

### ଶିକ୍ଷକ ନିଜ ଦରମାରେ ପାଳିଲେ ୨୬ ପିଲାଙ୍କ ଜନ୍ମଦିନ

ଆର.ଉଦୟଗିରି,୬।୯(ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକର କେ.ଏମ୍. ଭାଲିଆ ସାହି ସରକାରୀ ଉଚ୍ଚ ବିଦ୍ୟାଳୟର କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ନିଜ ଦରମାରେ ପିଲାଙ୍କ ଜନ୍ମଦିନ ପାଳନ କରିଛନ୍ତି। ବିଦେଶରୁ ଅଭିଜ୍ଞତା ହାସଲ କରିଥିବା ଜଣେ ଶିକ୍ଷକଙ୍କ ଏଭଳି ନିଆରା ପ୍ରୟାସକୁ ପ୍ରଥମ ଥର ପାଇଁ କାର୍ଯ୍ୟରେ ପରିଣତ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ର ନିଜ ପରିବାରକୁ ଛାଡି ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇବା ଏବଂ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବାରେ ଅଭିଭାବକଙ୍କୁ ପ୍ରେରଣା ଯୋଗାଇବାକୁ ପ୍ରଥମ ଥର ପାଇଁ ବିଦ୍ୟାଳୟରେ ସମୂହ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା। ଉକ୍ତ ବିଦ୍ୟାଳୟରେ ଅଧ୍ୟୟନରତ ୨୬ ଜଣ ଛାତ୍ରୀଛାତ୍ରଙ୍କ ଅଗଷ୍ଟ ମାସର ବିଭିନ୍ନ ତାରିଖରେ ଜନ୍ମଦିନ ପଡିଛି। ଏଥିପାଇଁ ଏକକାଳୀନ ୩୧ ତାରିଖରେ ଜନ୍ମଦିନ ସମୂହ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଦ୍ୟାଳୟରେ ୪୧୩ ପିଲା ନାମ ଲେଖାଇଥିଲେ ମଧ୍ୟ ଅନେକ ସମୟରେ ପିଲାଙ୍କ ଉପସ୍ଥାନ ହ୍ରାସ ପାଉଥିଲା। ଏହାକୁ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ସାମୂହିକ ଜନ୍ମଦିନ ପାଳନ କରିବାକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସହମତ କରାଇଥିଲେ। ଏଣୁ ବିଦ୍ୟାଳୟରେ ପ୍ରତି ମାସ ଶେଷ ତାରିଖରେ ନିଜ ଖର୍ଚ୍ଚରେ ପିଲାଙ୍କ ଜନ୍ମଦିନ ପାଳନ ହୋଇଥିଲା।

### ସମ୍ବଲପୁରୀ ନୃତ୍ୟ, ଏକକ ଅଭିନୟ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୬।୯(ଡି.ଏନ୍.ଏ.)- ନୂଆଁଖାଇ ଭେଟ ଘାଟ ପାଇଁ ଗଜପତି ଜିଲା ସଦର ମହକୁମା ପରଳାଖେମୁଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା କାରଣ ସାହି ସ୍ଥିତ ବିଜୟ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୃସିଂହନାଥ ଏଣ୍ଟରପ୍ରାଇଜେସର ମାଲିକ ରଘୁନାଥ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ବିଦ୍ୟାଳୟରୁ ୨୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ନିଜନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ ।

## ଭେଜାଲ ଖାଦ୍ୟ ବିକ୍ରି ବଢୁଛି, ପ୍ରଶାସନ ନୀରବ

ଚିକିଟି,୬।୯(ଡି.ଏନ୍.ଏ.)

ଚିକିଟି ମୁଖ୍ୟ ବଜାରରେ ଦିନକୁ ଦିନ ଭେଜାଲ ଖାଦ୍ୟ ବିକ୍ରି ବଢ଼ି ଚାଲିଛି। ଫଳରେ ସେହି ବଜାର ଉପରେ ନିର୍ଭର କରୁଥିବା ଆଖପାଖ ୨୫ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ ପାଇଁ ଚିକିଟି ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ କୌଣସି ଅଧିକାରୀ ନ ଥିବାରୁ ବେପାରୀମାନେ ମାଲାମାଲ ହେଉଥିବା ବେଳେ ଖାଉଟି ସେହି ଖାଦ୍ୟ ଖାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବଜାରରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଫାଷ୍ଟଫୁଡ୍ ସେଣ୍ଟର ସାଙ୍ଗକୁ ୯ ଢାବା, ୮ ହୋଟେଲ, ୧୨ ଜଳଖିଆ ଦୋକାନ ଏବଂ ଉଠା ଦୋକାନୀ ଜଳଖିଆ ବିକ୍ରି କରୁଛନ୍ତି। ଅଧିକାଂଶ ଦୋକାନୀ ଖାଉଟିଙ୍କୁ ଆକର୍ଷିତ କରିବା ପାଇଁ ରଙ୍ଗମିଶା ଭେଜାଲ ଖାଦ୍ୟ ବିକ୍ରୟ କରୁଛନ୍ତି । ହେଲେ ଏଥିପ୍ରତି ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ ଭେଜାଲ ଖାଦ୍ୟ ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ କରାଯାଉ ନ ଥିବାରୁ ସାଧାରଣ ଖାଉଟି ତାହାକୁ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କେତେକ ଫାଷ୍ଟଫୁଡ୍ ଦୋକାନରେ ପୋଡ଼ାତେଲରେ ବାସି ମାଛ ଓ ମାଂସକୁ ରଙ୍ଗ ଦେଇ ଛଣାଯାଉଛି। ସେହିପରି ଚାନ୍ଦପୁର, ଧାନଘର ବଜାରରେ ମଧ୍ୟ ଭେଜାଲ ସହ ନିମ୍ନମାନର ଖାଦ୍ୟ ବିକ୍ରି ବଢ଼ିଚାଲିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ୍ ସଂଗ୍ରାମଜିତ୍ ସାହୁଙ୍କୁ ଯୋଗାଯୋଗ ବେଳେ ସେ କହିଥିଲେ, ଏଠାରେ ଦୀର୍ଘବର୍ଷ ହେଲା ଫୁଡ୍ ଇନ୍ସପେକ୍ଟର ନ ଥିବା ଯୋଗୁ ଏପରି ଅବ୍ୟବସ୍ଥା ଦେଖାଦେଉଛି । ତଥାପି ଏନେଇ କୌଣସି ଅଭିଯୋଗ ଆସିନାହିଁ । ଏପରି ଭେଜାଲ ଖାଦ୍ୟ ବିକ୍ରି କରୁଥିବା ଦୋକାନଗଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

## ଯେତେ ପଢ଼ିଲେ ବି ଦୁଃଖ ସରୁନି ମଞ୍ଚସ୍ଥ

ପୋଲସରା, ୬।୯(ଡି.ଏନ.ଏ.)

ପୋଲସରା ଏନ୍ଏସି ୧୮ ନଂ. ୱାର୍ଡ ଚିଦାନନ୍ଦ ନଗର ବ୍ଲକ୍ ଛକର ମା' ଦଣ୍ଡକାଳୀ ଯୁବସଂସଦର ଯୁବଗୋଷ୍ଠୀଙ୍କୁ ନେଇ ଗଣେଶ ପୂଜା ଅବସରରେ ଏକ ସାମାଜିକ ନାଟକ ରବିବାର ରାତିରେ ପରିବେଷଣ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ଏ ବର୍ଷର ବଳିଷ୍ଠ ଶ୍ରେଷ୍ଠ ସାମାଜିକ ନାଟକ 'ଯେତେ ପଢିଲେ ବି ଦୁଃଖ ସରୁନି'ର ଉଦ୍‌ଘାଟନ କରିଥିଲେ। ନାଟକର ନିର୍ଦ୍ଦେଶନା ଦେଇଥିଲେ ଯୁବ ନିର୍ଦ୍ଦେଶକ ପଦ୍ମଲୋଚନ ସାହୁ। ସମ୍ମାନିତ ଅତିଥି ଭାବେ ପୋଲସରା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ୩୮ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ୩୯ ନଂ. ଜୋନ୍ ଝୁନୁ ଦାସ, ୪୦ ନଂ. ଜୋନ୍ ବିକ୍ରମ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ପରିଡ଼ା, ପୋଲସରା ଏନ୍ଏସି ଅଧ୍ୟକ୍ଷା ପ୍ରତିନିଧି ଶିଶିର ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ବୁଗୁଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୁନା ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡା ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସୁଧାଂଶୁ ଶେଖର ପାଢ଼ୀଙ୍କ ସମେତ ପୋଲସରା ଏନ୍ଏସିର ୧୯ ଟି କାଉନସିଲର ଯୋଗ ଦେଇଥିଲେ। ଏହି ଅବସରରେ ମା' ଦଣ୍ଡକାଳୀ ନାଟ୍ୟସଂସଦର ସଭାପତି ରବୀନ୍ଦ୍ର କୁମାର ସାହୁ, ଉପ ସଭାପତି ବିଚିତ୍ର ପ୍ରଧାନ, ଉପଦେଷ୍ଟା ରଜନୀକାନ୍ତ ପ୍ରଧାନ, ରତ୍ନାକର ମହାନ୍ତି, କୋଷାଧ୍ୟକ୍ଷ ଆର୍ତ୍ତବନ୍ଧୁ ସାହୁ, ମଞ୍ଚ ପରିଚାଳକ ଯଜ୍ଞସେନ ନନ୍ଦ, ଶଙ୍କର ମହାରଣା ପ୍ରମୁଖ ଅୟୋଜନ କରିଥିଲେ। ସମସ୍ତ ସମ୍ମାନିତ ଅତିଥିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଆୟୋଜକ ମଣ୍ଡଳୀକୁ ଶ୍ରମମନ୍ତ୍ରୀ ସମ୍ବର୍ଦ୍ଧନା ଦେଇଥିଲେ ।



ନାଟକ ଶୁଭାରମ୍ଭ ଅବସରରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି ।

## ଗୁଣପୁର କଟକ ଫାଷ୍ଟ ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ

ରମ୍ଭା,୬।୯

ରମ୍ଭା ରେଳ ଷ୍ଟେସନଠାରେ ସୋମବାରରୁ ଗୁଣପୁର କଟକ ଫାଷ୍ଟ ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରାଯାଇଛି। ପୂର୍ବତଟ ରେଳପଥ ରମ୍ଭା ରେଳ ଷ୍ଟେଶନ ପାଇଁ ୨୦୧୬ରୁ କ୍ରମାଗତ ବିଭିନ୍ନ ଅଭାବ ଅସୁବିଧା ନେଇ ରମ୍ଭା ଉନ୍ନୟନ ବୋର୍ଡ ପକ୍ଷରୁ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରାଯାଇଥିଲା। ଏଥି ସହିତ ରାଜ୍ୟ ଭାଜପାର ଉପସଭାପତି ଭୃଗୁବକ୍ସି ପାତ୍ରଙ୍କ ନେତୃତ୍ୱ ପ୍ରଶାସନ ଓ କେନ୍ଦ୍ର ମନ୍ତ୍ରୀ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଲୋକଙ୍କ ଦାବି ମୁତାବକ ରେଳବାଇ ବୋର୍ଡ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଛି। ଶୁଭାରମ୍ଭ ସମୟରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଅଟୋଚାଳକ ସଂଘ, ସଚେତନ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ସହିତ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ରମ୍ଭା ଏନ୍ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ରମ୍ଭା ରେଳ ଷ୍ଟେଶନର ଉନ୍ନତିକରଣ କରିବାକୁ ଅନୁରୋଧ କରିଛନ୍ତି।



ଟ୍ରେନର ଶୁଭାରମ୍ଭ ।

### ପ୍ରତାପୁର ବିଦ୍ୟାଳୟରେ ପୋଷାକ ବଣ୍ଟନ

ଧରାକୋଟ,୬।୯(ଡି.ଏନ୍.ଏ.)

ଧରାକୋଟ ବ୍ଲକର ବରଡାବାଲି କ୍ଲଷ୍ଟରର ପ୍ରତାପୁର ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ପି, ଦିଲୀପ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିବ ଶଙ୍କର ସାହୁ, ଉପ ସଭାନେତ୍ରୀ ଅନିତା ସ୍ୱାଇଁ, ସଭ୍ୟ ମନୋଜ ବିଶୋଇ, ବିଘ୍ନେଶ୍ୱର ନାଇକ, ଅଚ୍ୟୁତ ସ୍ୱାଇଁ, ସୁମିତ୍ରା ପ୍ରଧାନ, ପଲବି ବିଶୋଇ, ରୀତ ନାଇକ ଆଶାକର୍ମୀ ସୁଜାତା ପ୍ରଧାନ ଓ ଅଙ୍ଗନୱାଡି କର୍ମୀ ବବି କୁମାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ମୋଟ ୧୧୬ ଜଣ ଛାତ୍ରୀଛାତ୍ରଙ୍କୁ ଦୁଇ ହଳ ସ୍କୁଲ ଡ୍ରେସ୍, ଜୋତା ଓ ମୋଜା ବିତରଣ କରାଯାଇଥିଲା । ସହକାରୀ ଶିକ୍ଷକ ତ୍ରିନାଥ ରଇତ ଓ ଗୌରୀ ବେହେରା ଏଥିରେ ସହଯୋଗ କରିଥିଲେ ।

## ୯ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

ବୁଗୁଡ଼ା,୬।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ସମାରୋହରେ ୯ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଶିକ୍ଷକ ଭବନଠାରେ ସଂଘ ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବିଇଓ ପ୍ରସନ୍ନ କୁମାର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଓ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ସମେତ କେ. ତ୍ରିଲୋଚନ ଦୋରା, ନୀଳ ମାଧବ ଆଚାରୀ, ସୁଧାଂଶୁ ଶେଖର ପାଢ଼ୀ, ମଦନଗୋପାଳ ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଦାଶ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ପଦ୍ମ ଲୋଚନ ଗୌଡ଼, ଲକ୍ଷ୍ମଣ ଜେନା, ପ୍ରଭାକର ଦାଶ, ସଂଗ୍ରାମ କେଶରୀ ସାହୁ, ଜଗନ୍ନାଥ ମିଶ୍ର, ପ୍ରତିମା ପଣ୍ଡା ଓ ଭିକାରୀ ଚରଣ ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ସହ ଜରିମାନା

### ନାବାଳିକାଙ୍କୁ ବଳାତ୍କାର ମାମଲା

ପୀଡ଼ିତାଙ୍କୁ ୫ଲକ୍ଷ ଆର୍ଥିକ ସହାୟତା ପାଇଁ ଡିଏଲଏସ୍‌ଓଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୬।୯

ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ବୃନ୍ଦାବନ ନାୟକ ଓରଫ ବୁଲୁ ନାୟକ (୩୫)। ଏହା ସହିତ ୩୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ପାଇଁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣ ସଚିବ(ଡିଏଲ୍ଏସ୍‌ଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱତନ୍ତ୍ର ପୋକ୍‌ସୋ ପିପି ମୋହନା ସିଙ୍ଗାରି ସୂଚନା ଦେଇଛନ୍ତି ଯେ, ୨୦୧୯ ମେ' ୧୪ ପୂର୍ବାହ୍ନ ସାଢ଼େ ୧୧ ଟାରେ ୩ ଜଣ ନାବାଳିକା ଗାଁନିକଟସ୍ଥ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ବୃନ୍ଦାବନ ନାୟକ ସେମାନଙ୍କୁ ଅସଦାଚରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କୁ ସେ ବଳପୂର୍ବକ ସେଠାରେ ବଳାତ୍କାର କରିଥିଲେ। ଅନ୍ୟ ଦୁଇଜଣ ନାବାଳିକା ଗାଁକୁ ଦୌଡ଼ି ଯାଇ ଲୋକମାନଙ୍କୁ ଏକଥା କହିଥିଲେ। ସ୍ଥାନୀୟ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ପରେ ପୀଡ଼ିତାଙ୍କ ବାପା ଏନେଇ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୧୧୪/୧୯ରେ ଅଭିଯୁକ୍ତ ବୃନ୍ଦାବନ ନାୟକ(୩୨)ଙ୍କୁ ୨୦୧୯ ମେ' ୧୬ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଜଗନ୍ନାଥ ମଲ୍ଲିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଗିରଫ ପରଠାରୁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଅଭିଯୁକ୍ତ ବୃନ୍ଦାବନଙ୍କୁ ପୋଲିସ ମଙ୍ଗଳବାର କୋର୍ଟରେ ହାଜର କରିଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ଦାଖଲ କରିଥିବା ଉକ୍ତ ଚାର୍ଜଶିଟକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତଙ୍କ ବିରୋଧରେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

### ମହିଳା ସଶକ୍ତୀକରଣ ଅଭିଯାନ, ଲୋକ ସମ୍ପର୍କ ପଦଯାତ୍ରା

ଆର୍.ଉଦୟଗିରି,୬।୯(ଡି.ଏନ୍.ଏ.)

ଆର.ଉଦୟଗିରି ବ୍ଲକ ଅବାରସିଂ ଗ୍ରାମ ପଞ୍ଚାୟତରେ ଗ୍ରାମସେବକ ବିଶ୍ୱଜିତ୍ ଲିମା, ସରପଞ୍ଚ ଦ୍ରୌପତି ରଇତ ଓ ନାଏବ ସରପଞ୍ଚ ପବିତ୍ର ଗମାଙ୍ଗ, ସ୍ଥାନୀୟ ଆଶା, ଅଙ୍ଗନୱାଡି କର୍ମୀ ଏବଂ ମହିଳାମାନଙ୍କୁ ନେଇ ସଶକ୍ତୀକରଣ ଅଭିଯାନ, ଲୋକ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ପ୍ରତିପରିବାରର ଲୋକଙ୍କ ନିକଟକୁ ଯାଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ସମସ୍ତ ସହାୟତା ବିଷୟରେ ଅବଗତ କରାଇଥିଲେ। ଲୋକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଯୋଗାଇଦେବା ସହ ଯିଏ ଭତ୍ତା ପାଇବାକୁ ଯୋଗ୍ୟ, ଯାହାର ରହିବାକୁ ଜାଗା ନାହିଁ, ଯାହାର ଘର ନାହିଁ, ସେମାନଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ସଚେତନତା ବାର୍ତ୍ତା ଦେବା ସହ ବାଲ୍ୟବିବାହ ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ସଚେତନ କରାଇ ଏହା ରୋକିବାକୁ ପରାମର୍ଶ ଦେଇଥିଲେ। ଏପରି କାର୍ଯ୍ୟକୁ ନେଇ ଜନସାଧାରଣ ତଥା ବୁଦ୍ଧିଜୀବୀ ଗ୍ରାମସେବକ, ସରପଞ୍ଚ ଓ ସରକାରଙ୍କୁ ପ୍ରଶଂସା କରିଛନ୍ତି।

## ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ବିକ୍ଷୋଭ

ଭଞ୍ଜନଗର,୬।୯(ଡି.ଏନ.ଏ.)

ରାଷ୍ଟ୍ରୀୟ ପଛୁଆବର୍ଗ (ଓବିସି) ମୋର୍ଚ୍ଚା ଭଞ୍ଜନଗର ଶାଖା ପକ୍ଷରୁ ମଙ୍ଗଳବାର ୧୦ଦଫା ଦାବି ନେଇ ସହରରେ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ଆଇନଜୀବୀ ସୋମନାଥ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିଗୁଡିକ ହେଲା ଓବିସି ଜାତି ଆଧାରିତ ଜନଗଣନା ହେଉ, ସଂଖ୍ୟା ଅନୁପାତରେ ଶିକ୍ଷା, ନିଯୁକ୍ତି, ଶାସନ ଓ ପ୍ରଶାସନରେ ସମାନ ପ୍ରତିନିଧି ଲାଗୁ କରିବା, ଇଭିଏମ ପଦ୍ଧତି ବଦଳରେ ପୂର୍ବବତ୍ ବାଲାଟ ପେପର ଜରିଆରେ ଭୋଟଗ୍ରହଣ କରିବା, ଘରୋଇ କମ୍ପାନୀଗୁଡିକରେ ପଛୁଆବର୍ଗ ପ୍ରାର୍ଥୀମାନଙ୍କ ନିଯୁକ୍ତି ପାଇଁ ସ୍ଥାନ ସଂରକ୍ଷଣ କରିବା, ଜନଜାତିମାନଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ପାଇଁ ଆସିଥିବା ସଂଶୋଧନ ଆଇନ ପ୍ରତ୍ୟାହାର କରିବା, କୃଷି ଉତ୍ପାଦିତ ସବୁ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି। ସେହିପରି ପଛୁଆବର୍ଗ ତଥା ତଫସିଲଭୁକ୍ତ ଜାତି, ଜନଜାତି ଛାତ୍ରୀ ଛାତ୍ରଙ୍କ ବକେୟା ଥିବା ବୃତ୍ତିରାଶିକୁ ଶୀଘ୍ର ପ୍ରଦାନ କରିବା, ପୂର୍ବପରି ସମସ୍ତ କର୍ମଚାରୀଙ୍କୁ ପେନସନ ବ୍ୟବସ୍ଥା ଲାଗୁ ହେଉ । କୋଭିଡ ମହାମାରୀର ସୁଯୋଗ ନେଇ ଯେଉଁ ଶ୍ରମ ଆଇନକୁ ଉଠାଇ ଦିଆଯାଇଛି ତାର ପୁନଃ ପ୍ରବର୍ତ୍ତନ ହେଉ । ସଂରକ୍ଷଣଭିତ୍ତିକ ନିଯୁକ୍ତି ପାଇଁ ସତନ୍ତ୍ର ଆଇନ ପ୍ରଣୟନ ହେଉ । ଆସାମରୁ ଏନଆରସି, ଏମପିଆର. ଓ ସିଏଏ ସମ୍ପ୍ରଦାୟଭିତ୍ତିକ ଆଇନକୁ ପ୍ରତ୍ୟାହାର କରିବା ପାଇଁ ବୈଠକରେ ଦାବି ହୋଇଥିଲା।



ଉପଜିଲ୍ଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଉଛି।

## ଆବର୍ଜନା କୁଣ୍ଡରେ ନବଜାତ ଶିଶୁ ମୃତଦେହ

ଭଞ୍ଜନଗର,(ଡି.ଏନ.ଏ.)-ଭଞ୍ଜନଗର ମେଡିକାଲ ମହିଳା ୱାର୍ଡ ଫାଟକ ନିକଟ ଆବର୍ଜନା କୁଣ୍ଡରେ ଏକ ନବଜାତ ଶିଶୁ ମୃତଦେହ ପଡ଼ିଥିବା ମଙ୍ଗଳବାର ଦେଖାଯାଇଥିଲା। ଏହା ପ୍ରଚାର ହୋଇ ଯିବାରୁ ସେଠାରେ ବହୁ ଲୋକଙ୍କ ଭିଡ ହୋଇଥିଲା। ପରେ ମେଡିକାଲ କର୍ମଚାରୀ ପହଞ୍ଚି ମୃତଦେହ ନେଇଥିଲେ। ମେଡିକାଲର ଜଣେ ଅଧିକାରୀ କହିଛନ୍ତି. ଦୁଇଦିନ ମଧ୍ୟରେ ମେଡିକାଲରେ କେହି ଜନ୍ମ ହୋଇନାହାନ୍ତି। ବାହାରୁ କୌଣସି ବ୍ୟକ୍ତି ଅବୈଧ ସନ୍ତାନ ଜନ୍ମ କରି ଏଠାରେ ପକାଇ ଦେଇଥିବା ଅନୁମାନ କରାଯାଉଛି। ଶିଶୁଟିର ବୟସ ପ୍ରାୟ ୫ରୁ ୬ ମାସ ହେବ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୁଗୁଡ଼ା,୬।୯(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ସୁବୁଦ୍ଧିପଲ୍ଲୀ ଗାଁ କେନାଲ ନିକଟସ୍ଥ ଏକ କାଜୁତୋଟାରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଖୋଲଖାଲି ଗାଁ ପାଇକସାହିର ସୂର୍ଯ୍ୟ ନାରାୟଣ ପ୍ରଧାନ(୨୫)। କାଜୁତୋଟାରେ ସୂର୍ଯ୍ୟଙ୍କ ମୃତଦେହ ରଶିରେ ଝୁଲୁଥିବା ଖବର ପ୍ରଚାରିତ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏ ନେଇ ୨୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

### ରାସ୍ତାରେ ମାରଣା ଷଣ୍ଢ, ଯାତ୍ରୀ ଭୟଭୀତ

କବିସୂର୍ଯ୍ୟନଗର,୬।୯(ଡି.ଏନ୍.ଏ.): ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବୁଲୁଛି ମାରଣା ଷଣ୍ଢ। ବିଭିନ୍ନ ଯାନବାହନରେ ଲାଗିଥିବା ପରିବା, ଫଳମୂଳ, ଜଳଖିଆ ଆଦିକୁ ଖାଉଛି ଷଣ୍ଢ। ଖାଦ୍ୟ ଖାଉଥିବା ବେଳେ କେହି ଘଉଡ଼ାଇଲେ ସେ ତା'ର ଶିକାର ହେବାକୁ ପଡ଼ିଥାଏ। ଯାତ୍ରୀ ଏହାଦ୍ୱାରା ଆକ୍ରମଣର ଶିକାର ହେବା ସହ ଜୀବନ ବିକଳରେ ଦୌଡ଼ି ଥାଆନ୍ତି। ଫଳ, ପରିବା ଦୋକାନୀ ଠେଙ୍ଗା ସହାୟତାରେ ଘଉଡ଼ାଉବା ପାଇଁ ଚେଷ୍ଟା କଲେ ସୁଦ୍ଧା କିଛି ପନିପରିବା ଖାଇ ସେଠାରୁ ହଟେ। ତେବେ ତୁରନ୍ତ ସମସ୍ୟାର ସମାଧାନ ଲାଗି ମହାମାୟୀ ପରିବା ସଂଘ ପକ୍ଷରୁ ଏନ୍‌ଏସି କର୍ତ୍ତୃପକ୍ଷ ନିକଟରେ ଦାବି ରଖିଛନ୍ତି।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଦିଗପହଣ୍ଡି,୬।୯(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୂଷୁଣ୍ଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଭଗବାନ ଗୌଡ ଓ କାଳୁ ସେଠୀଙ୍କ ବାରି କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିବା ବେଳେ ଗ୍ରାମର ସୀମାଞ୍ଚଳ ଦାସଙ୍କ ଘରୁ ବଡ଼ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ସୀମାଞ୍ଚଳ ଜଣେ ରୁପା ବେପାରି। ବଜାରରୁ ୩ କେଜି ରୁପା ଅଳଙ୍କାର କିଣି ଗାଁ ଗାଁ ବୁଲି ରୁପା ବେପାର କରିବା ପାଇଁ ଘରେ ରଖିଥିଲେ। ମଧ୍ୟରାତିରେ ସମସ୍ତ ତାଙ୍କ ପରିବାର ଲୋକେ ଘରର ଦାଣ୍ଡଘରେ ଶୋଇଥିଲେ। ଏହା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ବାରିପଟ କବାଟ ଭାଙ୍ଗି ଭିତରେ ପଶିଥିଲେ। ଘର ଥିବା କାଠପେଢ଼ା ଭାଙ୍ଗିବା ସହ ଟିଣପେଡ଼ି ଓ ସୁଟ୍‌କେସ୍ ଖୋଲି ସେଥିରେ ଥିବା ୩ କେଜି ରୁପା ଅଳଙ୍କାର, ୪୫ ଗ୍ରାମ ସୁନା ଅଳଙ୍କାର ସହ ନଗଦ ପୂଜା ଘରେ ଥିବା ୩୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ସୀମାଞ୍ଚଳ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୨୦/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଫେରିଛି। ଶୀଘ୍ର ଚୋରକୁ ଧରାଯିବ ବୋଲି ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### କେ ଏମ୍ ଭାଲିଆ ସାହି ବିଦ୍ୟାଳୟରେ ଗୁରୁ ଦିବସ

ଆର.ଉଦୟଗିରି,୬।୯(ଡି.ଏନ.ଏ.)- ସରକାରୀ ଉଚ୍ଚ ବିଦ୍ୟାଳୟ କେ.ଏମ୍ ଭାଲିଆ ସାହିଠାରେ ସୋମବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ଅନାଶିନୀ ମଣ୍ଡଳ ମଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠଗୁରୁ ଡା. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ, ବିଭୂ ପ୍ରାର୍ଥନା ଗାନ, ଗୁରୁ ବନ୍ଦନା ଗାନ କରାଯାଇ ଏହି ମହାନ ପ୍ରତିଭାଙ୍କର ସ୍ମୃତିଚାରଣ କରାଯାଇଥିଲା। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିଭାଷଣ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

### ଗ୍ୟାରେଜ ମାଲିକଙ୍କ ଘରୁ ଅଳଙ୍କାର ଚୋରି

ଗଞ୍ଜାମ,୬।୯(ଡି.ଏନ.ଏ.)-ଗଞ୍ଜାମ ଥାନା ଅନ୍ତର୍ଗତ ଗଞ୍ଜାମ ସହର ବିଜୁ ପଟ୍ଟନାୟକ ମାର୍ଗ ପୁରୁଣା ଜଗନ୍ନାଥ ମନ୍ଦିର ସମ୍ମୁଖ ଦାଶ ଗ୍ୟାରେଜ ମାଲିକଙ୍କ ଭଡ଼ା ଘରୁ ସ୍ୱର୍ଣ୍ଣ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ଅପରାହ୍ନରେ ଗ୍ୟାରେଜ ମାଲିକଙ୍କ ସ୍ତ୍ରୀ ଘରେ ବାଥ ରୁମ ଯାଇ ଫେରିବା ସମୟରେ କୌଣସି ଦୁର୍ବୃତ୍ତ ଗଡ଼ରେଜରୁ ଚୋରି କରି ନେଇଯାଇଥିବା ସନ୍ଦେହ କରାଯାଉଛି। ତିନୋଟି ମୁଦି, ଗୋଟିଏ କାନ ଫୁଲ ଓ ଗୋଟିଏ ମଙ୍ଗଳ ସୂତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ନିକଟସ୍ଥ ବଜାର ଗୌଡ଼ ସାହିରେ ରାତ୍ରିରେ କିଛି ଅଜଣା ବ୍ୟକ୍ତି ବୁଲୁଥିବା ଖବର ପ୍ରଚାରିତ ହୋଇଥିବା ଯୋଗୁ ରାତ୍ର ତମାମ ସ୍ଥାନୀୟ ବାସିନ୍ଦା ଉଜାଗର ରହି ଏଣେ ତେଣେ ଖୋଜିବା ଲକ୍ଷ୍ୟ କରାଯାଇଥିଲା। ଚୋରି ଅଭିଯୋଗ ପାଇ ସ୍ଥାନୀୟ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ରାତ୍ରକାଳିନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ନେଇ ବିଭିନ୍ନ ମହଲରୁ ଦାବି ହୋଇଛି।

# ପୂର୍ବତନ ବ୍ଲକ ଅଧକ୍ଷଙ୍କ ବିରୋଧରେ ବିଜେଡିର ଶକ୍ତି ପ୍ରଦର୍ଶନ

ଦିଗପହଣ୍ଡି,୬।୯(ଡି.ଏନ୍.ଏ.)



ବିଜେଡିର ଖବରଦାତା ସମ୍ମିଳନୀ।

ଦିଗପହଣ୍ଡି ବ୍ଲକ ବିଜେଡି ପକ୍ଷରୁ ସୋମବାର ଘୋଡ଼ାହାଡ଼ ଜଳଶୀର୍ଷ କମିଟି ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ବ୍ଲକର ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ଉପସ୍ଥିତ ରହି ଦଳୀୟ ସଙ୍ଗଠନ ମଜଭୁତ ଦିଗରେ ପୂର୍ବତନ ବ୍ଲକ ଅଧକ୍ଷଙ୍କ ବିରୋଧରେ ଶକ୍ତି ପ୍ରଦର୍ଶନ କରିଥିଲେ। ବ୍ଲକର ପୂର୍ବତନ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ବିଜେଡିରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ବିଜେଡି ମଧ୍ୟରେ ବିଭାଜନ ସୃଷ୍ଟି କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେ ଗତ ୩୦ ବର୍ଷ ଧରି ପ୍ରତ୍ୟକ୍ଷ ପରୋକ୍ଷ ଭାବେ ବ୍ଲକ କ୍ଷମତାକୁ ଅକ୍ତିଆର କରି ଲାଭବାନ୍ ହୋଇଛନ୍ତି। ପୂର୍ବତନ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଛତ୍ରଛାୟା ତଳେ ରହି ବ୍ଲକର ସର୍ବୋଚ୍ଚ କ୍ଷମତାର ଅକ୍ତିଆର ହୋଇ ରହିଥିଲେ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଦିଗପହଣ୍ଡି ପଞ୍ଚାୟତ ସମିତି ଅଧକ୍ଷ ପଦ ହରିଜନ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ପରେ ସେ ବିଚଳିତ ହୋଇ ପ୍ରତିଶୋଧପରାୟଣ ହୋଇପଡ଼ିଥିଲେ ବୋଲି ବ୍ଲକ ବିଜେଡି ସଭାପତି କହିଛନ୍ତି। ତେବେ ଆବଶ୍ୟକ ପଡ଼ିଲେ ସମସ୍ତ ନିର୍ବାଚିତ ପ୍ରତିନିଧି ଏକ୍‌ଜୁଟ ହୋଇ ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ବିଜେଡି ସଭାପତିଙ୍କଠାରେ ଦାବି ଜଣାଇବେ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ପଞ୍ଚାୟତ ନିର୍ବାଚନ ପରବର୍ତ୍ତୀ ସମୟଠାରୁ ବିଜେଡିରେ ଗୋଷ୍ଠୀକନ୍ଦଳ ସୃଷ୍ଟି ହୋଇଥିଲେ ମଧ ବ୍ଲକ ବିଜେଡି ତରଫରୁ ଏହାକୁ ଖଣ୍ଡନ କରାଯାଇଛି। ଦିଗପହଣ୍ଡି ଏକ ଶୃଙ୍ଖଳିତ ନିର୍ବାଚନମଣ୍ଡଳୀ। ଏହି ନିର୍ବାଚନମଣ୍ଡଳୀର ନେତୃତ୍ୱ ନେଇଥିବା ପୂର୍ବତନ ବାଚସ୍ପତି ଜଣେ ସଫଳ ରାଜନେତା। ବର୍ତ୍ତମାନ ସେ ସ୍ୱାସ୍ଥ୍ୟଗତ ସମସ୍ୟାରେ ଅଛନ୍ତି। ଦିଗପହଣ୍ଡି ନିର୍ବାଚନୀ କ୍ଷେତ୍ରରେ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଛି। ତାଙ୍କ ନିର୍ଦ୍ଦେଶରେ ଏହି ଶୂନ୍ୟସ୍ଥାନ ପୂରଣ ପାଇଁ ଯିଏ ଆସିବ ତାଙ୍କୁ ସମସ୍ତେ ମାନିବା ଲାଗି ଆୟୋଜିତ ଖବରଦାତା ସମ୍ମିଳନୀରେ ଦୃଢ଼ତା ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ବ୍ଲକ ଅଧକ୍ଷା ସୁନୀତା ସେଠୀ, ବ୍ଲକ ଉପାଧକ୍ଷା ପ୍ରତିନିଧି ନକୁଳ ପ୍ରଧାନ, ବିଜେଡି ଜିଲା ଯୁବମୋର୍ଚ୍ଚା ଉପସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, କୃଷ୍ଣଚନ୍ଦ୍ର ସେଠୀ, ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ଯୁବନେତା ଚିତ୍ରସେନ ଗୌଡ଼, ପ୍ରଶାନ୍ତ ପ୍ରଧାନ, ସଦାନନ୍ଦ ଦୋରା, ସରପଞ୍ଚ ମନୋରଞ୍ଜନ ଗୌଡ଼, ରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ରାଧାକାନ୍ତ ମହାଙ୍କୁଡ, ଗାୟତ୍ରୀ ବ୍ରହ୍ମା, ବିଜୟ କୁମାର ପ୍ରଧାନ, ଲିଙ୍ଗରାଜ ଦୋରା, ଟୁଲୁ ପ୍ରଧାନ, ଫନିନ୍ଦ୍ର ଗୋସ୍ୱାମୀ, ମନୋଜ ପଟ୍ଟନାୟକ, ଏମ୍. ଶ୍ୟାମଘନ, ସମୀର ସ୍ୱାଇଁ, ସୀମା ଗୌଡ଼, ଲିଙ୍ଗରାଜ ଦୋରା, ଶ୍ୟାମସୁନ୍ଦର ନାୟକ, ସନ୍ତୋଷ ଦୋରା, ନିରଞ୍ଜନ ପ୍ରଧାନ, ରାମେଶ୍ୱର ପାଣିଗ୍ରାହୀ, ଏମ୍. ସନ୍ତୋଷ, ରମେଶ ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଜେଡିର କର୍ମୀ, ସମର୍ଥକ ଉପସ୍ଥିତ ଥିଲେ।

### ଗଜପତିରେ ପୁଣି ଜଣେ କରୋନା ପଜିଟିଭ୍

ପାରଳାଖେମୁଣ୍ଡି,୬।୯(ଡି.ଏନ୍.ଏ.)

ଗଜପତି ଜିଲାରେ ମଙ୍ଗଳବାର ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚଳିତ ସେପ୍ଟେମ୍ବର ମାସର ପ୍ରଥମ ୫ଦିନ ଦୈନିକ ପଜିଟିଭ ସଂଖ୍ୟା ଶୂନ ରହିଥିଲା। ଜିଲାରେ ବର୍ତ୍ତମାନ ସୁଦ୍ଧା ୩ ଆକ୍ଟିଭ କେସ ରହିଥିବା ବେଳେ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ

ବୁଗୁଡ଼ା,୬।୯(ଡି.ଏନ.ଏ.)

ବୁଗୁଡା ଏନ୍‌ଏସି ଅନ୍ତର୍ଗତ ହରିଶରଣପୁର ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ଦାଶଙ୍କ ହୃଦ୍‌ଘାତରେ ମଙ୍ଗଳବାର ବିୟୋଗ ହୋଇଛି। ସେ କିଛିଦିନ ହେଲା ବ୍ରହ୍ମପୁରସ୍ଥିତ ନିଜ ବାସ ଭବନରେ ରହିଆସୁଥିଲେ। ଗତ ୨ ବର୍ଷ ତଳେ ଅବସର ନେଇଥିଲେ ଓ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଟ୍ରଷ୍ଟର ଜଣେ ଆଜୀବନ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷକ ମହଲରେ ଶୋକ ପ୍ରକାଶ ପାଇଛି। ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। ଶିକ୍ଷକ ଟ୍ରଷ୍ଟର ସଭାପତି ବିଶ୍ୱମୋହନ ମିଶ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥଙ୍କ ସମେତ ଟ୍ରଷ୍ଟ ପକ୍ଷରୁ ଶୋକ ବ୍ୟକ୍ତ କରିଛନ୍ତି।

## ୧୯୯ ଛାତ୍ରୀଛାତ୍ର ଦେଲେ ଏନ୍‌ଆରଟିଏସ୍ ପରୀକ୍ଷା

ବୁଗୁଡ଼ା,୬।୯(ଡି.ଏନ.ଏ.)

ବୁଗୁଡା ପିପୁଲ୍ଲି ହାଇସ୍କୁଲ କେନ୍ଦ୍ରରେ ମଙ୍ଗଳବାର ନବମ ଶ୍ରେଣୀ ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୯୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨ ଜଣ ଅନୁପସ୍ଥିତ ରହିଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ପିପୁଲ୍ଲି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ସହକାରୀ ଶିକ୍ଷକ କାହ୍ନୁ ଚରଣ ଗୌଡ ରହିଥିଲେ। ଶଙ୍କର ଦାସ, ସ୍ନେହଲତା ସାହୁ, ତପନ କୁମାର ପାଢୀ, ଉଷାରାଣୀ ସିଂ, ବିଶ୍ୱେଶ୍ୱର ଗିରି, ଭାରତୀ ମହାନ୍ତି, ସସ୍ମିତା ମହାରଣା, ସନ୍ନ୍ୟାସୀ ସେଠୀ, ସୁସ୍ମିତା କୁମାରୀ ପଟ୍ଟନାୟକ ଓ ସସ୍ମିତା ତ୍ରିପାଠୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କକ୍ଷ ନିରୀକ୍ଷକ ଭାବେ ନିୟୋଜିତ ଥିଲେ।

## ଡହରେ ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ଶିବିର

ଭଞ୍ଜନଗର,୬।୯(ଡି.ଏନ.ଏ.)




ବୈଠକରେ ଉପସ୍ଥିତ ଚାଷୀ।

ଡୁମାକୁମ୍ପା ପଞ୍ଚାୟତ ଡହ ଶିବମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ମତ୍ସ୍ୟଜୀବୀମାନଙ୍କୁ ନେଇ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଜିଲା ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ହରିଚରଣ ମିଶ୍ର ମୁଖ୍ୟଅତିଥି, ଡାକ ସହ ଅଧୀକ୍ଷକ, ଉପଖଣ୍ଡ ଭଞ୍ଜନଗର ଭାଗ୍ୟଧର ଦାସ ଏବଂ ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ସନ୍ତୋଷ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଷୟରେ ଆଲୋଚନା କରିଥିଲେ। ଶିବିରରେ ପ୍ରତ୍ୟେକ ୧୮ ଠାରୁ ୩୯ ବର୍ଷ ମଧ୍ୟର ଲୋକଙ୍କୁ ଅଟଳ ପେନସନ ଯୋଜନା, ୧୮ ରୁ ୫୯ ବର୍ଷ ମଧ୍ୟର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ୧୮ ଠାରୁ ୭୦ ବର୍ଷର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନାରେ ପଞ୍ଜୀକୃତ ହେବା ନିମନ୍ତେ ଉତ୍ସାହିତ କରାଯାଇଥିଲା। ଏଥିସହ ସମସ୍ତ ବ୍ୟକ୍ତି ବିଶେଷଙ୍କର ଆବଶକୀୟ ଫର୍ମ ପୂରଣ କରି ବଣ୍ଟାଯାଇଥିଲା। ଚିଟଫଣ୍ଡ କମ୍ପାନୀ ଓ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା।

### ହରିହରେଶ୍ୱର ମନ୍ଦିରରୁ ଲୁଟ

ଚିକିଟି,୬।୯(ଡି.ଏନ.ଏ.)

କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ମଇସାନପୁର ଗ୍ରାମରେ ଅବସ୍ଥିତ ହରିହରେଶ୍ୱର ମନ୍ଦିରରୁ ସୋମବାର ମଧ୍ୟରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ରୋଷେଇ ସାମଗ୍ରୀ, ଲାଇଟ ଆଣ୍ଡ ସାଉଣ୍ଡର ବିଦ୍ୟୁତ୍ ଚାଳିତ ଯନ୍ତ୍ରପାତି ସମେତ ଦାନହୁଣ୍ଡିରୁ ୭୦ ହଜାର ଟଙ୍କା ଲୁଟିଥିବା ଅଭିଯୋଗ ହୋଇଛି। ରାତିରେ ପୂଜକ ମହାପ୍ରଭୁଙ୍କ ଭୋଗ ନୀତି ସାରିବା ପରେ ମନ୍ଦିରରେ ତାଲା ପକେଇ ଚାଲିଯାଇଥିଲେ। ମଙ୍ଗଳବାର ଆସି ଦେଖିଲା ବେଳକୁ ମୁଖ୍ୟ ଫାଟକ ଖୋଲାଥିବା ସହିତ କେହି ଦୁର୍ବୃତ୍ତ ରୋଷେଇଘର ସାମଗ୍ରୀ ଏବଂ ଦାନହୁଣ୍ଡି ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଚିକିଟି ଫାଣ୍ଡିରେ ଜଣାଇବା ପରେ ମଧ ଘଟଣାସ୍ଥଳରେ ପୋଲିସ ନ ପହଞ୍ଚିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହିଭଳି ଗତ ପ୍ରାୟ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରୁ ଚୋରି ହେଉଥିବାରୁ ଦିନ ଓ ରାତି ପାଟ୍ରୋଲିଂ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ମେଧା ବୃତ୍ତି ପରୀକ୍ଷାରେ ୨ ଅନୁପସ୍ଥିତ



ବାଳିକା ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷାର୍ଥୀ।

ଆସିକା,୬।୯(ଡି.ଏନ.ଏ.)

ଆସିକା ହରିହର ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମଙ୍ଗଳବାର ଜାତୀୟ ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ହରିହର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୭ ଜଣ ଉପସ୍ଥିତ ରହିଥିଲା ବେଳେ ବାଳିକା ହାଇସ୍କୁଲ କେନ୍ଦ୍ରରେ ୧୭୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଆସିକା ବ୍ଲକର ୩୦ରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ସାମିଲ ଥିଲେ। ହରିହର ହାଇସ୍କୁଲ କେନ୍ଦ୍ରରେ ପ୍ରଧାନ ଶିକ୍ଷକ ଶିବରାମ ମହାରଣା ଓ ବାଳିକା ହାଇସ୍କୁଲ କେନ୍ଦ୍ରରେ ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ ।

## ୪ ବାଲି ବୋଝେଇ ଟ୍ରକ୍ ଜବତ

ଗଞ୍ଜାମ,୬।୯(ଡି.ଏନ.ଏ.)

ଗଞ୍ଜାମ ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ୪ ବାଲି ବୋଝେଇ ଟ୍ରକ ଜବତ ହୋଇଛି। ଜବତ ଟ୍ରକଗୁଡ଼ିକ ଗଞ୍ଜାମ ଥାନା ସମ୍ମୁଖରେ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ବାଲି ଟ୍ରକ ଧରାଯାଉଥିଲେ ମଧ ତହସିଲ ପ୍ରଶାସନ ପକ୍ଷରୁ ଏନେଇ କୌଣସି ତଥ୍ୟ କିମ୍ବା ସୂଚନା ଦିଆଯାଉନି। ଏମିତିକି ଜବତ ଟ୍ରକ ଗୁଡ଼ିଜ ତିନି ଚାରି ଦିନ ସେଠାରେ ଅଟକ ରହୁଛି ଏବଂ ଡ୍ରାଇଭରମାନେ ରୋଷଇ କରି ଖିଆ ପିଆ କରୁଛନ୍ତି। ସେଠାରେ ସେମାନେ ମଳତ୍ୟାଗ କରୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥିସହ ଜବତ ବାଲି କୁଆଡେ ଯାଉଛି ଟ୍ରକ୍ ଗୁଡିକଠାରୁ କେତେ ଫାଇନ କଟାଯାଉଛି ତାହା ଜଣାପଡୁନି। ଏ ସମ୍ପର୍କରେ ପୋଲିସକୁ ପଚାରିବାରୁ କୌଣସି ତଥ୍ୟ ନ ଥିବା କହୁଥିବା ବେଳେ ତହସିଲ ପ୍ରଶାସନକୁ ଫୋନ ରିସିଭ କରୁନାହାନ୍ତି। ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

## ଅନ୍ଧାରରେ ଯାତାୟାତ କରୁଛନ୍ତି ରେଳଯାତ୍ରୀ

ପାରଳାଖେମୁଣ୍ଡି,୬।୯(ଡି.ଏନ୍.ଏ.)




ପାରଳାଖେମୁଣ୍ଡି ରେଲ୍‌ୱେ ଷ୍ଟେଶନ।

ପାରଳାଖେମୁଣ୍ଡି ରେଳଷ୍ଟେସନଠାରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ରେଳଯାତ୍ରୀମାନେ ଅନ୍ଧାରରେ ଯାତାୟାତ କରୁଥିବା ଅଭିଯୋଗ ହୋଇଛି। ଷ୍ଟେଶନଠାରେ ମାତ୍ର ହାତଗଣତି ୪ ଲାଇଟ ରହିଛି ; ଯାହାକି ପର୍ଯ୍ୟାପ୍ତ ନୁହଁ। ଏହାସହ ରେଳ ଷ୍ଟେଶନକୁ ଯିବାକୁ ହେଲେ ମୁଖ୍ୟତଃ ହାଟପଦା ଛକ ଦେଇ ଯାତାୟାତ କରିବାକୁ ପଡିଥାଏ। ଏହି ହାଟପଦା ଛକଠାରୁ ରେଳ ଷ୍ଟେଶନ ପ୍ରାୟ ୪ଶହ ମିଟର ରାସ୍ତାରେ ଷ୍ଟ୍ରିଟ୍‌ଲାଇଟର ବ୍ୟବସ୍ଥା ନାହିଁ। ଏଥିସାଙ୍ଗକୁ ରାସ୍ତାଘାଟ ଖାଲଖମାରେ ପରିପୂର୍ଣ୍ଣ। ସୂଚନାଯୋଗ୍ୟ, ରାତ୍ର ତଥା ଅନ୍ଧାରିଆ ସମୟରେ ପୁରୀ-ଗୁଣପୁର, କଟକ-ଗୁଣପୁର ଓ ଗୁଣପୁର-କଟକ ୩ଟ୍ରେନ ଯାତାୟାତ କରୁଛି। ବିଶେଷ କରି ମଧ୍ୟରାତ୍ର ୧୨ଘଣ୍ଟାରେ କଟକ-ପାରଳାଖେମୁଣ୍ଡି-ଗୁଣପୁର ପହଞ୍ଚୁଥିବା ବେଳେ ବଡିଭୋର ୪ଟାରେ ଗୁଣପୁର-ପାରଳାଖେମୁଣ୍ଡି-କଟକ ଟ୍ରେନ୍ ପାରଳାଖେମୁଣ୍ଡିଠାରେ ପହଞ୍ଚୁଛି। ଏହି ସମୟରେ ଯାତ୍ରା କରୁଥିବା ଯାତ୍ରୀମାନେ ନାନାଦି ହଇରାଣର ଶିକାର ହେଉଥିବାର ଜଣାପଡିଛି। ପାରଳାଖେମୁଣ୍ଡି ଷ୍ଟେଶନରେ ଦୈନିକ ହଜାର ହଜାର ଯାତ୍ରୀ ଯା'ଆସ କରୁଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି।

## ଏଲ୍‌ଆଇସି ଏଜେଣ୍ଟଙ୍କ ଧର୍ମଘଟ ଆନ୍ଦୋଳନ

ପାରଳାଖେମୁଣ୍ଡି, ୬।୯(ଡି.ଏନ୍.ଏ.)



ଭାରତୀୟ ଜୀବନ ବୀମା (ଏଲ୍‌ଆଇସି) ଏଜେଣ୍ଟ ଫେଡେରେଶନ ତରଫରୁ ସର୍ବଭାରତୀୟ ସଙ୍ଗଠନର ଡାକରା କ୍ରମେ ମଙ୍ଗଳବାର ଦେଶ ବ୍ୟାପୀ ଧର୍ମଘଟ ଆନ୍ଦୋଳନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଗଜପତି ଜିଲାର ଜୀବନ ବୀମା ଶାଖା କାର୍ଯ୍ୟାଳୟରେ ମଧ ଧର୍ମଘଟ ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳିଥିଲା। ଅଭିକର୍ତ୍ତାମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ସେପ୍ଟେମ୍ବର ୧ ତାରିଖରୁ ସର୍ବଭାରତୀୟ ସ୍ତରରେ ୧୩ଲକ୍ଷ ଏଜେଣ୍ଟ ଧର୍ମଘଟ ଆନ୍ଦୋଳନ ଚଳାଇଛନ୍ତି। ସେପ୍ଟେମ୍ବର ୫ତାରିଖକୁ ଏଜେଣ୍ଟ ବିଶ୍ରାମ ଦିବସ ରୂପେ ପାଳନ କରି ଏଜେଣ୍ଟମାନେ କଳାବ୍ୟାଜ ପରିଧାନ କରି ସମସ୍ତ କାର୍ଯ୍ୟକୁ ବର୍ଜନ କରିଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଏଜେଣ୍ଟମାନେ କୌଣସି ନୂଆ ବ୍ୟବସାୟ

ମାରଣ......................

ଦେବା କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏଥିସହ ଗ୍ରାହକ ସେବା ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ଏଜେଣ୍ଟଗୁଡ଼ିକର ବିଭିନ୍ନ ଦାବିଯଥା ପଲିସିଧାରୀଙ୍କୁ ବୋନସ ବୃଦ୍ଧି, ଲୋନ ଓ ଫାଇନ ଉପରେ ସୁଧ କମାଇବା, ଏଜେଣ୍ଟ ୱେଲଫେୟାର ଫଣ୍ଡ ସୃଷ୍ଟି କରିବା, ଏଜେଣ୍ଟମାନଙ୍କୁ ପେନସନ ସ୍କିମ୍‌ରେ ସାମିଲ କରିବା ଓ ସବୁ ଏଜେଣ୍ଟଙ୍କୁ ମେଡିକ୍ଲେଇମ ପ୍ରଦାନ ଆଦି ନେଇ ପାରଳାଖେମୁଣ୍ଡି ଶାଖା କାର୍ଯ୍ୟାଳୟରେ ଏଜେଣ୍ଟମାନେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଦାବି ପୂରଣ ନିମନ୍ତେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶାଖା କାର୍ଯ୍ୟାଳୟ ପରିସରରେ ସଂଘର ସଭାପତି ପି. କ୍ରିଷ୍ଣା ରାଓଙ୍କ ସଭାପତିତ୍ୱରେ ସମ୍ପାଦକ ବିଘ୍ନରାଜ ପଣ୍ଡା, ଉପଦେଷ୍ଟା ଗଣେଶ ବିଶ୍ୱାଳ, ଏ. କୁସାରାଜୁ, କୁଞ୍ଜବିହାରୀ ବଡକୁମାର, ବି. ଈଶ୍ୱରରାଓ, ଅବଦ୍ୟ ବର୍ଦ୍ଧନ ପ୍ରମୁଖ ଉଦ୍‌ବୋଧନ ଦେଇ ମ୍ୟାନେଜମ୍ୟାଣ୍ଟର ଏଜେଣ୍ଟ ପ୍ରତି ଅବିଚାର ଓ ଅନ୍ୟାୟର ଦୃଢ ପ୍ରତିବାଦ ଜଣାଇଥିଲେ। ମ୍ୟାନେଜମେଣ୍ଟର ମନମୁଖି କାରବାରକୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ। ଭାରତର ୧୩ଲକ୍ଷ ଏଜେଣ୍ଟଙ୍କ ଜୀବିକା ଉପରେ ମ୍ୟାନେଜମେଣ୍ଟର କୁଠାରାଘାତକୁ ବରଦାସ୍ତ କରାଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ ପାଇଥିଲା। ଏ ନେଇ ଏଲଆଇସି କାର୍ଯ୍ୟାଳୟ ସମ୍ମୁଖରେ ଏଜେଣ୍ଟମାନେ ଦିନ ତମାମ ଧାରଣାରେ ବସି ବିକ୍ଷୋଭ କରିଥିଲେ । ଏହାସହ କୌଣସି କାର୍ଯ୍ୟରେ ଯୋଗଦେଇ ନ ଥିଲେ। ଏହି ପ୍ରତିବାଦ ସଭାକୁ ରାମକୃଷ୍ଣ ସାହୁ, କେ. ଚିରଞ୍ଜିବିଲୁ, ଲବକୁମାର ସାହୁ, ଈଶ୍ୱର ମହାନ୍ତି, ଏସ.ଟି. ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ନାଳରେ ଭାସୁଛି ପାନୀୟ ଜଳ



ନାଳରେ ପାଣି ପାଇପ୍।

କବିସୂର୍ଯ୍ୟନଗର,୬।୯(ଡି.ଏନ.ଏ.)

କବିସୂର୍ଯ୍ୟନଗରରେ ପାନୀୟ ଜଳ ସମସ୍ୟା କିଛି ମାତ୍ରାରେ ସୁଧୁରିଥିଲେ ମଧ ସମ୍ପୂର୍ଣ୍ଣ ଦୂର ହୋଇନି। ଏଭଳି ସ୍ଥିତିରେ ପାଣି ଅପଚୟ ରୋକାଯାଉ ନ ଥିବାରୁ ବହୁ ଜଳ ଅଯଥାରେ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଅଧିକାଂଶ ଷ୍ଟାଣ୍ଡ ପୋଷ୍ଟରେ ଟ୍ୟାପ ଲଗାଯାଇନି। ଯାହାଦ୍ୱାରା ପାଣି ତଳେ ପଡି ନଷ୍ଟ ହେଉଛି। ବସଷ୍ଟାଣ୍ଡ ଅଞ୍ଚଳରେ ପ୍ରତିଦିନ ପାନୀୟ ଜଳନର୍ଦ୍ଧମା ଜଳ ସହ ମିଶି ଭାସିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ବ୍ୟବସାୟରେ ବାଧା ସୃଷ୍ଟି ହେଉଛି। ନାଳ ନର୍ଦ୍ଧମା ପଚାପାଣି ରାସ୍ତା ଓ ଦୋକାନରେ ପଶି ବେପାରୀ ଉପଭୋକ୍ତାଙ୍କ ନାନା ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟା ଏବେର ନୁହେଁ ଦୀର୍ଘ ଦିନର। ସମସ୍ୟା ସମ୍ପର୍କରେ ଜନ ସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ସସ୍ମିତା ସାହୁଙ୍କୁ ଅବଗତ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇଯିବ କହି ସମୟ ଗଡ଼ାଇ ଚାଲିଛନ୍ତି। ଏଣୁ ଯଥାଶୀଘ୍ର ସମାଧାନ ଲାଗି ବସଷ୍ଟାଣ୍ଡ ଅଞ୍ଚଳବାସି ଦାବି ରଖିଛନ୍ତି।

